## ଟ୍ରକ୍ ଧକ୍କାରେ ମହିଳା ଗୁରୁତର

ସାଲେପୁର,(ଡି.ଏନ.ଏ): ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ବଜାରରେ ସୋମବାର ଏକ ଟ୍ରକ୍ ଧକ୍କାରେ ବାଇକ୍ ପଛରେ ବସିଥିବା ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଜନ୍ତୁଆଲି ଅଞ୍ଚଳର ଶୁଭଶ୍ରୀ ସାହୁ(୨୪)। ସେ ସ୍ୱାମୀଙ୍କ ସହ ବାଇକ୍‌ରେ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ବାଇକକୁ ଧକ୍କା ଦେବାରୁ ଶୁଭଶ୍ରୀ ତଳେ ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ସାଲେପୁର ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଶୁଭଶ୍ରୀଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏଥିସହ ପୋଲିସ ଉଭୟ ଟ୍ରକ ଓ ବାଇକ୍‌କୁ ଜବତ କରିଛି।

## ସଂକ୍ଷେପରେ

### ବିଦ୍ୟାଳୟ ଆରମ୍ଭରୁ ଉପସ୍ଥାପନ ୫୦ ପ୍ରତିଶତ

ଟାଙ୍ଗୀ(କଟକ),୨୬।୭(ଡି.ଏନ୍.ଏ.): ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସୋମବାର ଦଶମ, ଦ୍ୱାଦଶ ଶ୍ରେଣୀର ୧୦ଟାରୁ ଅପରାହ୍ନ ୧.୩୦ପର୍ଯ୍ୟନ୍ତ ସମସ୍ତ ହାଇସ୍କୁଲ ଖୋଲିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ୪୦ଟି ହାଇସ୍କୁଲରେ ସ୍କୁଲ ଖୋଲିବାକୁ ନେଇ ଛାତ୍ରୀଛାତ୍ରଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି। ମୋଟ ଛାତ୍ର ସଂଖ୍ୟା ୧୩୧୬ରୁ ପ୍ରଥମଦିନର ଉପସ୍ଥାନ ୬୬୬ଜଣ, ମୋଟ ଛାତ୍ରୀ ସଂଖ୍ୟା ୧୨୮୧ରୁ ୮୦୦ଜଣ ବିଦ୍ୟାଳୟକୁ ଆସିଥିଲେ। ଉପସ୍ଥାନ ହାର ଶତକଡା ୫୬.୮୩ ବୋଲି ବିଇଓ ନରେନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ସାଲେପୁର ବିଧାୟକ ସର୍ଦ୍ଧୋଳା ଗ୍ରାମସ୍ଥିତ ନିଗମାନନ୍ଦ ନୋଡାଲ ହାଇସ୍କୁଲ ପରିଦର୍ଶନ କରି ଶିକ୍ଷଣ ଆରମ୍ଭ କରିଥିଲେ। କୋଭିଡ୍ ସମ୍ପର୍କିତ ସତର୍କତାକୁ ଜଣାଇ ନିଜ ନିଜ ଭିତରେ ଦୂରତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ପ୍ରଧାନ ଶିକ୍ଷକ ଅନସୂୟା ଦାଶ ଓ ହରିଅନ୍ତା ବାପୁଜୀ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ସାହୁ ଉପସ୍ଥିତ ଥିଲେ।

### ମହିଳା ପୋଡ଼ି ଘଟଣା, ଶାଶୁ ଗିରଫ

କଟକ ସଦର,୨୬।୭ (ଡି.ଏନ.ଏ.): କଟକ ସଦର ଥାନା ଅନ୍ତର୍ଗତ ୪୨ ମୌଜା ଗୋବିନ୍ଦପୁର ଗ୍ରାମର କାଜଲ ରାଉତ(୨୩) ଗତ ୧୯ ତାରିଖରେ ପୋଡି ହୋଇ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାର ମୃତା ମହିଳାଙ୍କ ଶାଶୁ କୋକିଳ ରାଉତଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ(୪୧୦/୨୧)ରେ ଏକ ମାମଲା ରୁଜୁ କରିଥିଲା। ଭଉଣୀର ମୃତ୍ୟୁ ପରେ ଭାଇ ମିଲନ ସ୍ୱାଇଁ ଥାନାରେ ଅଭିଯୋଗ କରିବା ସହ ଶାଶୁ ମାରିଦେଇ ଥିବା ନେଇ କହିଥିଲେ। ପୋଲିସ ଅଭିଯୋଗକ୍ରମେ ତଦନ୍ତ କରି ଶାଶୁଙ୍କୁ ପଚରାଉଚରା କରିବା ପରେ ଗିରଫ କରିଛି।

### କାର୍‌ଗିଲ୍ ଦିବସରେ ଚାରାରୋପଣ

ବାଲିଅନ୍ତା,୨୬।୭(ଡ଼ି.ଏନ.ଏ): ଜୁଲାଇ ୨୬ ତାରିଖରେ କାରଗିଲ ବିଜୟ ଦିବସ ଅବସରରେ ପ୍ରତାପ ରୁଦ୍ରପୁରସ୍ଥିତ ଶ୍ରୀଜୟଦେବ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବାମନ ଚରଣ ଭୋଇ, ଯୁବନେତା ସଞ୍ଜୟ ତ୍ରିପାଠୀଙ୍କ ସମେତ ସ୍କୁଲର ବହୁ ପୁରାତନ ଛାତ୍ରମାନେ ଯୋଗଦେଇ ବିଭିନ୍ନ ଚାରାରୋପଣ କରିଥିଲେ। ନିମ୍ବ, ପଣସ, ଦେବଦାରୁ ଆଦି ୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

### କାର୍‌ଗିଲ ବିଜୟ ଦିବସ

ସାଲେପୁର/ଫୁଲନଖରା, ୨୬।୭(ଡି.ଏନ୍.ଏ.): ସାଲେପୁର ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଏୟାରୱିଙ୍ଗ୍ କ୍ୟାଡେଟ୍‌ମାନଙ୍କ ପକ୍ଷରୁ ସୋମବାର ୨୨ତମ କାର୍‌ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। କ୍ୟାଡେଟ୍‌ମାନେ ପ୍ରଥମେ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ଏୟାରୱିଙ୍ଗ୍ ଚିଫ୍ ଅଫିସର ଡ. ଗୌତମ ମହାରଣା ଏବଂ ସିଟିଓ ଆରତୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପ୍ଲାଷ୍ଟିକ୍ ମୁକ୍ତ ବିଦ୍ୟାଳୟ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ପରେ ବୃକ୍ଷ ରୋପଣ କରାଯାଇଥିଲା। ପରେ ସମସ୍ତେ ଜନାର୍ଦ୍ଦନପୁର ଗ୍ରାମରେ ପହଞ୍ଚି ଶହୀଦ କ୍ୟାପ୍‌ଟେନ୍ ଶିବପ୍ରସନ୍ନ ପଣ୍ଡା ଓ ଗୋପୀନାଥ ମହାରଣାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଫୁଲନଖରା ଟ୍ରାଫିକ ଛକ ନିକଟରେ ଥିବା ସୁଭାଷ ବୋଷ ପ୍ରତିମୂର୍ତ୍ତିରେ ନଖରା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ବିଜୟ ଦିବସ ପାଳନ କରାଯାଇଛି।

# କ୍ୟାନ୍‌ସର ହସ୍ପିଟାଲ ଜମିକୁ ନେଇ ବିବାଦ

ଖୋର୍ଦ୍ଧା ଅଫିସ,୨୬।୭



ଜିଲାପାଳଙ୍କ ଅଫିସ ଆଗରେ ବିଧାୟକ ସୁରେଶ ରାଉତରାୟ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

- ଜିଲାପାଳଙ୍କ ଅଫିସ ଘେରିଲେ ଗ୍ରାମବାସୀ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା ଜିଲା ଜଟଣୀ ଇନ୍‌ଫୋଭ୍ୟାଲିଠାରେ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ବାଗ୍‌ଚୀ-ଶ୍ରୀଶଙ୍କର କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ଏବଂ ବାଗଚୀ-କରୁଣାଶ୍ରୟ ଉପଶମ ସେବା କେନ୍ଦ୍ରର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଦୁଇ ପ୍ରତିଷ୍ଠାନ ନିର୍ମାଣ ଲାଗି ସରକାର ୪୦ଏକର ଜାଗା ଯୋଗାଇ ଦେଇଛନ୍ତି। ତେବେ ପଟ୍ଟା ପାଇଥିବା ସ୍ଥାନୀୟ ଲୋକଙ୍କ ଜାଗାରେ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ହେଉଛି ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ସୋମବାର ବିଧାୟକ ରାଉତରାୟଙ୍କ ନେତୃତ୍ୱରେ ମେଣ୍ଢାଶାଳ, ଯାଁଳା ଦକ୍ଷିଣ ମୁଣ୍ଡମୁହାଣ, ଉତ୍ତର ମୁଣ୍ଡମୁହାଣ, ହରିପୁର ଆଦି ୪ ମୌଜାର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅନୁଜ ଦାସ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କ୍ୟାନ୍‌ସର ହସ୍ପିଟାଲକୁ ବିରୋଧ ନାହିଁ। ଗରିବ ଲୋକଙ୍କ ଜମିରେ ହସ୍ପିଟାଲ ନିର୍ମାଣ କରାଗଲେ ବିରୋଧ କରାଯିବ ବୋଲି ରାଉତରାୟ କହିଛନ୍ତି।

ଅଭିଯୋଗ ମୁତାବକ, ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କୁ ଅର୍ଥନୈତିକ ପୁନର୍ବସତି ଯୋଜନା(ଇଆର୍‌ଆର୍‌ପି)ରେ ୧୯୮୦-୮୧ ମସିହାରେ ରାଜ୍ୟ ସରକାରଙ୍କ କୃଷି ଓ ସମବାୟ ବିଭାଗ ପତ୍ର ସଂଖ୍ୟା ୩୩୦୯୩/୨୧।୮।୮୧ ପ୍ରକାରେ ଜମି ଯୋଗାଇ ଦିଆଯାଇଥିଲା। ଇଆର୍‌ଆର୍‌ପି ଯୋଜନାରେ ପ୍ରମାଣପତ୍ର ମଧ୍ୟ ଦିଆଯାଇଛି। ସେବେଠାରୁ ଉକ୍ତ ସ୍ଥାନରେ ରହି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ୨୦୦୮ରେ ଜଟଣୀ ତହସିଲ କାର୍ଯ୍ୟାଳୟ ପତ୍ରାଙ୍କ ନଂ. ୧୪/୦୮/୩୦୬୭ ୨୦୦୮ରେ ଚଣ୍ଡିହତା (ହରିପୁର) ମୌଜାରେ ରହୁଥିବା ସର୍ବସାଧାରଣଙ୍କ ଜମିକୁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଲିଜ୍ ସୂତ୍ରରେ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ୩୦ଦିନ ମଧ୍ୟରେ ଆପତ୍ତି ଅଭିଯୋଗ ଜଣାଇବା ଲାଗି ଇସ୍ତାହାର ବାହାର କରିଥିଲେ। ଜବାବରେ ୪୪ଜଣ ହିତାଧିକାରୀ ଲିଖିତ ଭାବେ ଜଣାଇଥିଲେ ଯେ, ପଟ୍ଟା ପାଇ ୧୯୮୩ ମସିହା ଠାରୁ ଏଠାରେ ରହି ଆସୁଛୁ। ଭୁବନେଶ୍ୱର ତହସିଲଦାରଙ୍କ ମିସ୍ କେସ ନଂ-୧ ଅର୍ଡର ୨୩।୨।୧୯୮୩ ଠାରୁ ପ୍ରଜାମାନଙ୍କୁ ଦଖଲ ଦିଆଯାଇଛି। ଏଥିସହ ଖୋର୍ଦ୍ଧା ଜିଲାପାଳଙ୍କ ଆଦେଶ ନଂ. ୧୩୯୨ ତା.୧୦।୧୨।୨୦୦୧ ଅନୁଯାୟୀ ଗଛ ପ୍ରତି ରାଜସ୍ୱ ୫ଟଙ୍କା ହିସାବରେ ଖଜଣା ଦେଇ ଆସୁଛୁ। ସରକାରଙ୍କ ବନ୍ଦୋବସ୍ତ ବିଭାଗ ୨୦୦୧ ଠାରୁ ଚଣ୍ଡିହତା ମୌଜାରେ ସମସ୍ତ କାର୍ଯ୍ୟ ଶେଷ କରିଛନ୍ତି। ପ୍ରଜାମାନଙ୍କ ଉପସ୍ଥିତିରେ ସରଜମିନ ତଦନ୍ତ କରି ନୂଆ ଖାତା, ପ୍ଲଟ, ଖତିଆନ, ଏରିଆ ଏବଂ ନକ୍ସା ମଧ୍ୟ ସଂଶୋଧନ କରି ହିତାଧିକାରୀ(ପ୍ରଜା)ଙ୍କ ନାମରେ ରେକର୍ଡ କରିଛନ୍ତି। ୪୪ଜଣ ହିତାଧିକାରୀ ଅତି ଦରିଦ୍ର, ଦଳିତ ଏବଂ ଆଦିବାସୀ ଶ୍ରେଣୀଭୁକ୍ତ। ଆମ୍ଭେମାନେ ଉକ୍ତ ଜମିରେ ପରିବାର ପୋଷଣ କରୁଛୁ। ଜଟଣୀ ତହସିଲଦାରଙ୍କ ଇସ୍ତାହାର ଜବାବରେ ଅଭିଯୋଗ କରିଥିଲୁ। ଇଆର୍‌ଆର୍‌ପିରେ ପାଇଥିବା ଜମିକୁ ସରକାର କ୍ୟାନ୍ସର ହସ୍ପିଟାଲ ପାଇଁ ହସ୍ତାନ୍ତର କରିଛନ୍ତି। କର୍କଟ ହସ୍ପିଟାଲ ନିର୍ମାଣ କରାଯାଉ, ଏଥିରେ ଆପତ୍ତି ନାହିଁ। ସରକାର ଉପଯୁକ୍ତ ଥଇଥାନର ବ୍ୟବସ୍ଥା କରିବାକୁ ଦାବିରେ ଉଲ୍ଲେଖ ରହିଛି।

# ଆବାସ ତାଲିକାରେ ଅଯୋଗ୍ୟ ହିତାଧିକାରୀ

କଟକ ସଦର,୨୬।୭ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ତାଲିକାର ଯାଞ୍ଚ ଆରମ୍ଭ ହୋଇଛି। ଉକ୍ତ ତାଲିକାରେ ୨୯୩ଜଣ ହିତାଧିକାରୀଙ୍କ ନାମ ରହିଛି। ଏକ ତ୍ରୁଟିମୁକ୍ତ ତାଲିକା ପ୍ରସ୍ତୁତ ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଡିପିଟିଏ, ସହକାରୀ ଯନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏହି ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ରହିଥିବା କଟକ ଜିଲା ଭାଜପା ଉପସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ୨୦୧୨ ମସିହା ସାମାଜିକ ଅର୍ଥନୈତିକ ଜାତିଭିତ୍ତିକ ଜନଗଣନାରେ ନାମ ନ ଥିବା ବ୍ୟକ୍ତି ଏହି ତାଲିକାରେ ରହିଛନ୍ତି। ଯେଉଁଠି ବାପା ଇନ୍ଦିରା ଆବାସ ପାଇ ମୃତ୍ୟୁବରଣ କରିସାରିଛନ୍ତି, ସେଠି ଉତ୍ତରାଧିକାରୀ ଭାବେ ପୁଅ ଘର ପାଇବା ସତ୍ତ୍ୱେ ମଧ୍ୟ ସେଭଳି ନାମ ତାଲିକାରେ ସାମିଲ ହୋଇଛି। ଏପରିକି ସରଜମିନ ତଦନ୍ତରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଯୋଗ୍ୟ କରାଇଦେବା ଲକ୍ଷ୍ୟରେ କେତେଜଣ ବ୍ୟକ୍ତି ଘର ପିଛା ଆଗୁଆ ୧୦ହଜାର ଟଙ୍କା ଆଦାୟ କରୁଥିବା କଥା ପ୍ରଧାନ ଅଭିଯୋଗ କରିଛନ୍ତି। ଜାତିଭିତ୍ତିକ ଗଣନାକୁ ଆଧାରକରି ଆବାସ ତାଲିକା ପ୍ରସ୍ତୁତ କରିବା ଲାଗି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ପତ୍ର ସଂଖ୍ୟା ୨୪୫୫୨/୩୧।୧୨।୧୯ରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାକୁ କଟକ ସଦର ବ୍ଲକରେ ଉଲ୍ଲଂଘନ କରାଯାଇଛି। ତେଣୁ କେଉଁମାନଙ୍କୁ ଯୋଗ୍ୟ ବିବେଚନା କରାଯାଇ ଆବାସ ତାଲିକାରେ ଅନ୍ତର୍ଭୁକ୍ତ କରାଗଲା, ତା'ର ସୂଚନା ସାର୍ବଜନୀନ କରିବା ପାଇଁ ଭାଜପା ଦାବି କରିଛି। ଏ ଅଭିଯୋଗ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ା କହିଛନ୍ତି, ଖୁବଶୀଘ୍ର ଅଯୋଗ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ଯାଞ୍ଚ କରିବା ପାଇଁ ଅଧିକାରୀଙ୍କୁ ସୂଚନା ଦିଆଯାଇଛି।

# ସମର୍ଥ ସମ୍ପର୍କରେ ବୁଝିଲେ ଅତିରିକ୍ତ ଜିଲାପାଳ



କଟକ ଅଫିସ,୨୬।୭

ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ସୋମବାର ବସୁନ୍ଧରା ପରିଦର୍ଶନ କରିଛନ୍ତି। ସେ ଶିଶୁପୁତ୍ର ସମର୍ଥ ସମ୍ପର୍କରେ ପଚାରି ବୁଝିଥିଲେ। ସମର୍ଥଙ୍କୁ ପୁଷ୍ଟିକର ଆହାର ଯୋଗାଇ ଦେବା ସହ ଟିକାକରଣ ବ୍ୟବସ୍ଥା କରାଯିବା ନେଇ ଡିସିପିଓ ପ୍ରଗତି ମହାନ୍ତି ଓ ଶିଶୁ ଭବନର ନ୍ୟୁଟ୍ରିସିଓନିଷ୍ଟ ପ୍ରିୟଙ୍କା ସାମଲଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ ସିଡିଏ ସେକ୍ଟର ୧୩ସ୍ଥିତ ପମ୍ପ ହାଉସଠାରେ ପୋଲିସ ଶିଶୁପୁତ୍ର (ସମର୍ଥ)ଙ୍କୁ ଉଦ୍ଧାର କରିଥିଲା। ଚିକିତ୍ସା ନିମନ୍ତେ ତାଙ୍କୁ ଶିଶୁଭବନରେ ଭର୍ତ୍ତି କରାଯାଇଥିଲା। ଏହା ପରେ ବସୁନ୍ଧରା ଅନୁଷ୍ଠାନରେ ରଖାଯାଇ ଯତ୍ନ ନିଆଯାଉଛି।

# ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ତ୍ୱରାନ୍ୱିତ କର

କଟକ ଅଫିସ,୨୬।୭

ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରିସରରେ ସୋମବାର ବିଦ୍ୟାଳୟର ରୂପାନ୍ତକରଣ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଏବଂ ଡେପୁଟି କମିଶନର ସଞ୍ଜୀବିତା ରାୟ ଯୋଗଦେଇ ବିଦ୍ୟାଳୟ ଉନ୍ନତୀକରଣ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟ କାର୍ଯ୍ୟ ଆସନ୍ତା ଅକ୍ଟୋବର ୨ ତାରିଖ ପୂର୍ବରୁ ସାରିବାକୁ ସର୍ବସହମତି କ୍ରମେ ମତ ପ୍ରକାଶ ପାଇଥିଲା। ଏଥିସହ ବିଜ୍ଞାନ ବିଭାଗ, ସ୍ମାର୍ଟ କ୍ଲାସ, ଇ-ପୁସ୍ତକ, କମ୍ପ୍ୟୁଟର ଲ୍ୟାବ ଓ ଖେଳପଡିଆ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପୂର୍ତ୍ତ ବିଭାଗ କଟକ ବିଭାଜନ-୨ର ନିର୍ବାହୀ ଯନ୍ତ୍ରୀ ଅନୁପ କୁମାର ବେହେରାଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ରାମାଶିଷ ହାଜରା, ସମ୍ପାଦକ ଶ୍ରୀକାନ୍ତ ତରାଇ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ସମ୍ପାଦକ ସମୀର ପରିଜା, ଉପସଭାପତି ପୁଣ୍ୟଶ୍ଲୋକ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା: କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ଦାବିପତ୍ର

କଟକ ଅଫିସ, ୨୬।୭

ରାଜ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ କଟକର କାର୍ଯ୍ୟରତ ଖବରଦାତାମାନେ ଦାବି କରିଛନ୍ତି। ଏ ନେଇ ସେମାନେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଦାବିପତ୍ର ଦେଇଛନ୍ତି। ଚୌଦ୍ୱାର, କଟକ ଓ କେନ୍ଦ୍ରାପଡ଼ାରେ ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ମଧ୍ୟ ଦାବି ହୋଇଛି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର. କେ. ଶର୍ମା ଖବରଦାତା ପ୍ରତିନିଧି ଦଳଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଖବରଦାତା ନିଖିଲ ବିଶ୍ୱାଳ, ଚିତ୍ତ ମିଶ୍ର, ପ୍ରତାପ ସାହୁ, ସୁକାନ୍ତ ପଣ୍ଡା, ନିରଞ୍ଜନ ପଟ୍ଟନାୟକ, ଦେବାଶିଷ ରଥ, ବଳରାମ ନାୟକ, ପ୍ରଭୁଦତ୍ତ ଆଚାର୍ଯ୍ୟ, ସୌମ୍ୟ ରଞ୍ଜନ ପାତ୍ର, ଆନନ୍ଦ ଦାସ, ଗଣେଷ ସାହୁ, ଆକାଶ ସ୍ୱାଇଁ, ଅଭିଜିତ୍ ସାମନ୍ତରାୟ, ଅନିଲ ବିଶ୍ୱାଳ, ଅମୂଲ୍ୟ ବାରିକ୍, ଗୁରୁଦତ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୮ ଏଫ୍ ଶାଖା କେନାଲ ସ୍ଲାବ୍ ଭୁଶୁଡ଼ିଲା

ମାହାଙ୍ଗା, ୨୬।୭ (ସ୍ୱ.ପ୍ର.)

କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ୮ ଏଫ୍ ଶାଖା କେନାଲର ଗୋଟିଏ ପରେ ଗୋଟିଏ ଗାର୍ଡୱାଲ, ସ୍ଲାବ୍ ଦୁର୍ବଳ ହୋଇ ଭୁଶୁଡ଼ିଯାଉଛି। ସୋମବାର ମାହାଙ୍ଗା ବ୍ଲକ ବଡକ୍ଷୀର ମୌଜା ଅଧୀନ ବସ୍ତିଆ ସାହି ନିକଟରେ ଏହି କେନାଲ ଉପରେ ଯାତାୟାତ ପାଇଁ ନିର୍ମାଣ ହୋଇଥିବା ସ୍ଲାବ୍‌ର ଗୋଟିଏ ପାର୍ଶ୍ୱ କାନ୍ଥ ଭୁଶୁଡି ପଡ଼ିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବାଟ ଉପରେ ୧୫ ପରିବାର ନିର୍ଭରଶୀଳ। ୧୯୯୭ରେ ଏହାକୁ ନିର୍ମାଣ କରାଯାଇଥିଲା। ସେତେବେଳେ ବସ୍ତିଆ ସାହିକୁ ସଂଯୋଗ କରିବା ପାଇଁ କେନାଲ ଗଭୀରତା ଅନୁସାରେ ଫାଉଣ୍ଡେଶନ୍

**ବାରମ୍ବାର ଭାଙ୍ଗୁଛି ଗାର୍ଡୱାଲ୍**



ଖୋଳାଯାଇ ସ୍ଲାବ୍ ପକାଯାଇଥିଲା। ପାଣି ଛାଡିବା ନିମନ୍ତେ ଏବେ କେନାଲ ସଫେଇ କରାଯାଇଛି। ଏହି ସମୟରେ ମେଶିନ ସାହାଯ୍ୟରେ ଏହାର ଶଯ୍ୟାରୁ ମାଟି ତାଡି ବନ୍ଧ ଉପରେ ପକାଯାଇଥିଲା। ଫଳରେ ସ୍ଲାବ୍‌ର ଖମ୍ବ ଫାଉଣ୍ଡେଶନ୍ ବାହାରକୁ ବାହାରି ଗୋଟିଏ ପାର୍ଶ୍ୱ ଭୁଶୁଡି ଯାଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହାକୁ ମରାମତି କରା ନ ଗଲେ ସ୍ଲାବ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯିବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ, ଗୋତରାଠାରେ ଥିବା ଡିଆଁ ପୋଲର ବାମ ପଟ କେନାଲ ବନ୍ଧରେ ରାସ୍ତାକୁ ଲାଗିଥିବା ୨୦ ଫୁଟ ଲମ୍ବ ବିଶିଷ୍ଟ ଗାର୍ଡୱାଲ କିଛି ଦିନ ତଳେ ଭୁଶୁଡି ପଡ଼ିଥିଲା। ଏହାର ୨ ଦିନ ପରେ ଗୋତରା ସେନାପତି ସାହିଠାରେ ଗାର୍ଡୱାଲ ଭାଙ୍ଗିଯାଇଥିଲା। ଏବେ ପୁନର୍ବାର ସ୍ଲାବ୍ ଭୁଶୁଡ଼ିଥିବାରୁ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ବାରମ୍ବାର ଏପରି ଅସୁବିଧା ହେଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

# ପଣ୍ଡିତ ନୀଳମଣି, ଗୋଦାବରୀଶ, ମାଳତିଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ, ୨୬।୭

କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ସୋମବାର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୮ତମ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୫ତମ ଶ୍ରାଦ୍ଧୋତ୍ସବ ଏବଂ ମାଳତି ଚୌଧୁରୀଙ୍କ ୧୧୭ତମ ଜୟନ୍ତୀ ଭର୍ଚୁଆଲରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଡ. ନିମାଇଁ ପରିଜା ଯୋଗଦେଇ କହିଥିଲେ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓଡ଼ିଶା ଭାଷା ସୁରକ୍ଷା ଓ ଓଡ଼ିଶା ରାଜ୍ୟ ଗଠନର ଅନ୍ୟତମ ବିନ୍ଧାଣୀ ଥିଲେ। ସେହିପରି ପଣ୍ଡିତ ଗୋଦାବରୀଶ ମିଶ୍ର ଓଡିଶା ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ମାଳତୀ ଚୌଧୁରୀ ନାଗରିକ ଅଧିକାର ଓ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ନିଜ ପରାକାଷ୍ଠା ପ୍ରଦର୍ଶନ କରିଥିଲେ ବୋଲି ଅତିଥିମାନେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଡା. ରବି ରଞ୍ଜନ ସାହୁ ଯୋଗଦେଇଥିଲେ। ଶିକ୍ଷାବିତ୍ ବଂଶୀମୋହନ ଶତପଥୀ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ସମ୍ପାଦକ ଡ. ରାଜ କିଶୋର ମହାନ୍ତି, ମାଧବ ମିଶ୍ର, ଶିକ୍ଷାବିତ୍ ଚୌଧୁରୀ ଶରତ ଚନ୍ଦ୍ର ଦାସ, ବିଦ୍ୟୁତ୍ ଲାଲା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଶତ୍ରୁଘ୍ନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଅସ୍ୱୀକାର କଲା ପୁରୀ ପ୍ରଶାସନ

- ଗୋଡି ଶ୍ରମିକ ମାମଲା
- ଅଗଷ୍ଟ ୧୬ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ, ୨୬।୭

ଗୋଡି ଶ୍ରମିକ ମାମଲାରେ ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ରିପୋର୍ଟ ଦାଖଲ କରାଯାଇଛି। ଏଥିରେ ଗୋଡି ଶ୍ରମିକ ଘଟଣାକୁ ଅସ୍ୱୀକାର କରାଯାଇଛି। ପରେ ହାଇକୋର୍ଟ ଆବେଦନକାରୀଙ୍କୁ ବିସ୍ତୃତ ରିପୋର୍ଟ ଅଗଷ୍ଟ ୯ ତାରିଖ ସୁଦ୍ଧା ଦାଖଲ କରିବାକୁ କହିଛନ୍ତି। ଅଗଷ୍ଟ ୧୬ ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ବିଚାରପତି ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ। ପୁରୀ ଜିଲା ପିପିଲି ବ୍ଲକ ଭବାନୀପୁର ଅଞ୍ଚଳରେ ଜଣେ ବ୍ୟକ୍ତି କେତେଜଣ ଲୋକଙ୍କୁ ଆଣି କିଛିଦିନ ହେଲା ଗୋଡି ଶ୍ରମିକ ଭାବେ ଖଟାଇ ଆସୁଥିଲେ। ଏନେଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ପିପିଲି ତହସିଲଦାରଙ୍କୁ ଘଟଣାର ସତ୍ୟତା ନେଇ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ସେହିପରି ସେମାନଙ୍କୁ ଉଦ୍ଧାର କରି ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗତ ୧୬ ତାରିଖରେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

# ଡାକ ଚଳାଚଳରେ ବିଳମ୍ବ

କଟକସଦର,୨୬।୭ (ଡି.ଏନ୍.ଏ.)

କଟକ ସିଟି ପୋଷ୍ଟାଲ ଡିଭିଜନ ଅନ୍ତର୍ଗତ ବିରିବାଟୀ ଡାକଘରକୁ ଦେଢ଼ ବର୍ଷ ହେବ ଡାକଗାଡ଼ି ଚଳାଚଳରେ ବିଳମ୍ବ ହେଉଛି। କାରଣ ଦିନରେ ଥରେ ଡାକ କଟକ ରେଳଡାକ ବ୍ୟବସ୍ଥାରୁ ଆସୁଛି। ହେଲେ ଡାକ ନେବା ପାଇଁ ଆଉ ଗାଡ଼ି ଆସୁନାହିଁ। ଫଳରେ କଟକ ସହରଠାରୁ ୬କି.ମି. ଦୂରରେ ଥାଇ ମଧ୍ୟ ଚିଠି ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ୪୮ରୁ ୭୨ଘଣ୍ଟା ଲାଗିଯାଉଛି। ଛୁଟିଦିନ ଥିଲେ ୪ଦିନ ଲାଗିଯାଏ। ଅପରପକ୍ଷେ ପ୍ରତ୍ୟେକ ଦିନ କଟକରୁ ଡାକ ପାରାଦୀପ ଓ ଜଗତ୍‌ସିଂହପୁର ଯିବାଆସିବା କରୁଛି। ତେଣୁ ଅପରାହ୍ନରେ ପାରାଦୀପରୁ ଆସୁଥିବା ଡାକ ଟ୍ରେକରରେ ବିରିବାଟ ଡାକଘର ଚିଠି ନେବା ପାଇଁ ଦାବି ହେଉଛି। କାରଣ ଏହି ଡାକଘର ଅଧୀନରେ ୫ଟି ଶାଖା ଡାକଘର ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର

କଟକ ଅଫିସ, ୨୬।୭

କଟକ ସହରର ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ତାର ଝୁଲି ରହିଛି। କେତେବେଳେ ଏହା ଲୋକଙ୍କ ଜୀବନ ହାନିର କାରଣ ହୋଇପାରେ। ତେଣୁ ଅଞ୍ଚଳବାସୀ ଶଙ୍କିତ ଅବସ୍ଥାରେ ସେହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ମାତ୍ର ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ଯାଁଉଳିଆପଟ୍ଟି ବାସିନ୍ଦା ତଥା ସାମାଜିକ କର୍ମୀ ପ୍ରକାଶ ଅଗ୍ରୱାଲ କହିଛନ୍ତି, ଲୋଭୋଲଟେଜ, ଅଘୋଷିତ ବିଦ୍ୟୁତ କାଟ ସାଙ୍ଗକୁ ଖୁଣ୍ଟରେ ବିଦ୍ୟୁତ ତାର ବିପଦସଙ୍କୁଳ ଅବସ୍ଥରେ ତଳକୁ ଝୁଲିପଡ଼ିଛି। ସେହିପରି ବିଭିନ୍ନ କମ୍ପାନୀର କେବୁଲ ତାର ମଧ୍ୟ ଝୁଲୁଥିବା ଦେଖିବାକୁ



ମିଳୁଛି। ଏଥିଯୋଗୁ କେତେବେଳେ ଖୁଣ୍ଟିରେ ସ୍ପାର୍କ ହୋଇ ତାର ଛିଡ଼ି ରାସ୍ତାରେ ପଡୁଛି ତ ଆଉ କେବେ ତାରରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଛି। କେବୁଲ ତାରଗୁଡ଼ିକ ଏତେ ତଳକୁ ଝୁଲି ରହୁଛି ଯେ ଗାଡ଼ି ଯିବା ଆସିବାରେ ବାଧା ଉପୁଜୁଛି। ତଥାପି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟ୍ଟନାୟକ କହିଛନ୍ତି, ଆପଣଙ୍କ ନିକଟରୁ ଏ ସମସ୍ୟା ସମ୍ବନ୍ଧରେ ଅବଗତ ହେଲି। ଆଗାମୀ ଦିନରେ ସହରର ଯେଉଁ ଅଞ୍ଚଳରେ ଏ ପ୍ରକାରର ସମସ୍ୟା ହେବ ସେଠାକୁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଯାଇ ତୁରନ୍ତ ପଦକ୍ଷେପ ନେବେ।

**ଚୁପ୍ ବସିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ**

## ଫଟୋରେ ଖବର



ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣର ପ୍ରତିବାଦରେ କଟକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା କର୍ମକର୍ତ୍ତାମାନେ।




ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ୱୀ କାରିଗର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର କଟକ ସଦର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



କଟକ ସହରର ଜନବସତି ଅଞ୍ଚଳରୁ ମଦଦୋକାନ ସ୍ଥାନାନ୍ତର ଦାବିରେ ସୋମବାର କଟକ ନଗର କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଧାରଣା ଦିଆଯାଇଛି।

## ସଂକ୍ଷେପରେ

### ଆଲୋକୀକରଣ, ସ୍ୱଚ୍ଛ ଜଳଯୋଗାଣ ଦାବି

**ବେଗୁନିଆ,୨୬।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଜନସାଧାରଣଙ୍କ ଜୀବନ ଯାପନ ପାଇଁ ଉଜ୍ଜ୍ୱଳ ଆଲୋକୀକରଣ ଓ ପାଇପ୍ ମାଧମରେ ସ୍ୱଚ୍ଛ ଜଳଯୋଗାଣ ଆବଶ୍ୟକ ରହିଛି। ଏହି ସମସ୍ୟା ଦୂର ପାଇଁ ବାରମ୍ବାର ଦାବି ହେଉଥିଲେ ମଧ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନେଇ ସୋମବାର ଜିଲାପାଳଙ୍କ ନିକଟରେ ବେଗୁନିଆ ବିକାଶ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ବେଗୁନିଆ ସଦର ମହକୁମାରେ ଥାନା, ତହସିଲ, ବ୍ଲକ, ରେଲ୍‌ୱେ ଷ୍ଟେଶନ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ଏଥିସହ ସାପ୍ତାହିକ ପରିବା ହାଟ, ବଜାର ରହିଛି। ଏହି ସଦର ମହକୁମାରେ ୬ଟି ରାଜସ୍ୱ ଗ୍ରାମ ରହିଛି। ବଜାର ଓ ସାହି ମଧରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇନାହିଁ। ଚୋରି ବଢୁଥିବାବେଳେ ରାତିରେ ଯାତାୟାତ ପାଇଁ ଲୋକେ ଭୟ କରୁଛନ୍ତି। ସେହିପରି ସ୍ୱଚ୍ଛ ପାନୀୟଜଳର ସୁବିଧା ନ ଥିବା ଯୋଗୁ ଏଠାକୁ ଆସୁଥିବା ଲୋକେ ପିଇବା ପାଣି ପାଇଁ କଷ୍ଟ ଅନୁଭବ କରୁଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ବିକାଶ ମଞ୍ଚ ଆବାହକ ଶିବ କୁମାର ମୁନି ନିବେଦନ କରିଛନ୍ତି।

### ଅଟଳ ଫାକଲ୍ଟି ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଜଟଣୀ,୨୬।୭(ଡି.ଏନ୍.ଏ.):** ଆଇଆଇଟି, ଭୁବନେଶ୍ୱର ପକ୍ଷରୁ ସୋମବାର ଭର୍ଚୁଆଲ ମାଧମରେ ଅଟଳ ଫାକଲ୍ଟି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଏଆଇସିଟିଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଦେଶର ୨୦୦ ଫାକଲ୍ଟି ଯୋଗଦେବେ। ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯଶବିନ୍ଦର ଏସ. ଆହୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ପ୍ରଫେସର ଅନିଲ ସାସରାବୁଧେ, ଡ. ମମତାରାଣୀ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ସମୟରେ ଏଆଇସିଟିଇ ଦ୍ୱାରା ପଞ୍ଜୀକୃତ ଫାକଲ୍ଟିମାନଙ୍କ ମଧରେ କୌଶଳ ବିକାଶ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର, ପ୍ରଫେସର ସ୍ୱରୂପ ମହାପାତ୍ର, ଡ.ପୁଣ୍ୟଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଜଣାପଡ଼ିଛି।

### ଅସୁସ୍ଥ ହେଲା ଭାଲୁ ଶାବକ



**ବାରଙ୍ଗ,୨୬।୭(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଡାକ୍ତରଖାନାର କ୍ୱାରାଣ୍ଟାଇନରେ ରହୁଥିବା ଏକ ଅଣ୍ଡିରା ଦେଶୀ ଭାଲୁ ଶାବକ ଅସୁସ୍ଥ ହୋଇପଡ଼ିଛି। ଦୁଇଦିନ ହେବ ଭାଲୁ ଶାବକଟି ତରଳ ଝାଡ଼ାରେ ଆକ୍ରାନ୍ତ ହୋଇଛି। ଏପ୍ରିଲ ୨୨ରେ ପିତାପଲ୍ଲୀ ରାସ୍ତା ଗଙ୍ଗପଡ଼ାଠାରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିବା ଦିନଠାରୁ ପ୍ରଥମଥର ପାଇଁ ଅସୁସ୍ଥ ହୋଇଛି। ଏହି ଶାବକଟି ଠିକଭାବେ ଖାଇବା ପିଇବା ମଧ କରିପାରୁ ନାହିଁ। ଦିନକୁ ଦିନ ଦୁର୍ବଳ ହେବା ସହ ଗୋଟିଏ ସ୍ଥାନରେ ପଡିରହୁଥିବା ବେଳେ ନନ୍ଦନକାନନର ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଛନ୍ତି।

### ଗଛକଟାକୁ ନେଇ ଉତ୍ତେଜନା

**ପୁରୁଣା ଭୁବନେଶ୍ୱର, ୨୬।୭ (ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ରାସ୍ତାରୁ ଗଛକଟାକୁ ନେଇ ସୋମବାର ଉତ୍ତେଜନା ଦେଖାଦେଇଛି। ସୂଚନା ମୁତାବକ, ଜଣେ ବିଲ୍ଡର ଜେନାସାହି, ଲକ୍ଷ୍ମୀନାରାୟଣପୁର, ବିଲିପଡ଼ା ମୌଜାର ଚାଷୀଙ୍କ ଚାଷଜମି କିଣି କନଷ୍ଟ୍ରକ୍ସନ କାମ କରୁଛନ୍ତି। ଏପର୍ଯ୍ୟନ୍ତ ବିଲ୍ଡର ଜଣଙ୍କ ପ୍ରାୟ ୧୦୦ ଏକର ଜମି କିଣାବିକା କରିଛନ୍ତି। ଏବେ ବିଲିପଡ଼ା ମୌଜାରେ ୪୦ ଏକର ଜମି କିଣିଛନ୍ତି। ତେବେ ଏକ ପ୍ଲଟକୁ ରାସ୍ତା ନେବା ପାଇଁ ଗଛ କାଟୁଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଏନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ବିଡିଓ ରଶ୍ମିନାଥ ଷଡ଼ଙ୍ଗୀ କହିଛନ୍ତି, ଗଛ କାଟିବା ନେଇ କୌଣସି ଚିଠି ହୋଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ।

# କ୍ୟାନ୍‌ସର ହସ୍ପିଟାଲ ଜମିକୁ ନେଇ ବିବାଦ

**ଖୋର୍ଦ୍ଧା ଅଫିସ,୨୬।୭**



ଜିଲାପାଳଙ୍କ ଅଫିସ ଆଗରେ ବିଧାୟକ ସୁରେଶ ରାଉତରାୟ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

- ଜିଲାପାଳଙ୍କ ଅଫିସ ଘେରିଲେ ଗ୍ରାମବାସୀ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା ଜିଲା ଜଟଣୀ ଇନ୍‌ଫୋଭ୍ୟାଲିଠାରେ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ବାଗ୍‌ଚୀ–ଶ୍ରୀଶଙ୍କର କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ଏବଂ ବାଗଚୀ–କରୁଣାଶ୍ରୟ ଉପଶମ ସେବା କେନ୍ଦ୍ରର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଦୁଇ ପ୍ରତିଷ୍ଠାନ ନିର୍ମାଣ ଲାଗି ସରକାର ୪୦ଏକର ଜାଗା ଯୋଗାଇ ଦେଇଛନ୍ତି। ତେବେ ପଟ୍ଟା ପାଇଥିବା ସ୍ଥାନୀୟ ଲୋକଙ୍କ ଜାଗାରେ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ହେଉଛି ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ସୋମବାର ବିଧାୟକ ରାଉତରାୟଙ୍କ ନେତୃତ୍ୱରେ ମେଣ୍ଢାଶାଳ, ଝାଁଳା ଦକ୍ଷିଣ ମୁଣ୍ଡମୁହାଣ, ଉତ୍ତର ମୁଣ୍ଡମୁହାଣ, ହରିପୁର ଆଦି ୪ ମୌଜାର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅନୁଜ ଦାସ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କ୍ୟାନ୍‌ସର ହସ୍ପିଟାଲକୁ ବିରୋଧ ନାହିଁ। ଗରିବ ଲୋକଙ୍କ ଜମିରେ ହସ୍ପିଟାଲ ନିର୍ମାଣ କରାଗଲେ ବିରୋଧ କରାଯିବ ବୋଲି ରାଉତରାୟ କହିଛନ୍ତି।

ଅଭିଯୋଗ ମୁତାବକ, ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କୁ ଅର୍ଥନୈତିକ ପୁନର୍ବସତି ଯୋଜନା(ଇଆର୍‌ଆର୍‌ପି)ରେ ୧୯୮୦–୮୧ ମସିହାରେ ରାଜ୍ୟ ସରକାରଙ୍କ କୃଷି ଓ ସମବାୟ ବିଭାଗ ପତ୍ର ସଂଖ୍ୟା ୩୩୦୯୩/୨୧।୮।୮୧ ପ୍ରକାରେ ଜମି ଯୋଗାଇ ଦିଆଯାଇଥିଲା। ଇଆର୍‌ଆର୍‌ପି ଯୋଜନାରେ ପ୍ରମାଣପତ୍ର ମଧ ଦିଆଯାଇଛି। ସେବେଠାରୁ ଉକ୍ତ ସ୍ଥାନରେ ରହି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ୨୦୦୮ରେ ଜଟଣୀ ତହସିଲ କାର୍ଯ୍ୟାଳୟ ପତ୍ରାଙ୍କ ନଂ. ୧୪/୦୮/୩୦।୬। ୨୦୦୮ରେ ଚଣ୍ଡିହତା (ହରିପୁର) ମୌଜାରେ ରହୁଥିବା ସର୍ବସାଧାରଣଙ୍କ ଜମିକୁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଲିଜ୍ ସୂତ୍ରରେ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ୩୦ଦିନ ମଧରେ ଆପତ୍ତି ଅଭିଯୋଗ ଜଣାଇବା ଲାଗି ଇସ୍ତାହାର ବାହାର କରିଥିଲେ। ଜବାବରେ ୪୪ଜଣ ହିତାଧିକାରୀ ଲିଖିତ ଭାବେ ଜଣାଇଥିଲେ ଯେ, ପଟ୍ଟା ପାଇ ୧୯୮୩ ମସିହା ଠାରୁ ଏଠାରେ ରହି ଆସୁଛୁ। ଭୁବନେଶ୍ୱର ତହସିଲଦାରଙ୍କ ମିସ୍ କେସ ନଂ–୧ ଅର୍ଡର ୨୩।୨।୧୯୮୩ ଠାରୁ ପ୍ରଜାମାନଙ୍କୁ ଦଖଲ ଦିଆଯାଇଛି। ଏଥିସହ ଖୋର୍ଦ୍ଧା ଜିଲାପାଳଙ୍କ ଆଦେଶ ନଂ. ୧୩୯୨ ତା.୧୦।୧୨।୨୦୦୧ ଅନୁଯାୟୀ ଗଛ ପ୍ରତି ରାଜସ୍ୱ ୫ଟଙ୍କା ହିସାବରେ ଖଜଣା ଦେଇ ଆସୁଛୁ। ସରକାରଙ୍କ ବନ୍ଦୋବସ୍ତ ବିଭାଗ ୨୦୦୧ ଠାରୁ ଚଣ୍ଡିହତା ମୌଜାରେ ସମସ୍ତ କାର୍ଯ୍ୟ ଶେଷ କରିଛନ୍ତି। ପ୍ରଜାମାନଙ୍କ ଉପସ୍ଥିତିରେ ସରଜମିନ ତଦନ୍ତ କରି ନୂଆ ଖାତା, ପ୍ଲଟ, ଖତିଆନ, ଏରିଆ ଏବଂ ନକ୍ସା ମଧ ସଂଶୋଧନ କରି ହିତାଧିକାରୀ(ପ୍ରଜା)ଙ୍କ ନାମରେ ରେକର୍ଡ କରିଛନ୍ତି। ୪୪ଜଣ ହିତାଧିକାରୀ ଅତି ଦରିଦ୍ର, ଦଳିତ ଏବଂ ଆଦିବାସୀ ଶ୍ରେଣୀଭୁକ୍ତ। ଆମ୍ଭେମାନେ ଉକ୍ତ ଜମିରେ ପରିବାର ପୋଷଣ କରୁଛୁ। ଜଟଣୀ ତହସିଲଦାରଙ୍କ ଇସ୍ତାହାର ଜବାବରେ ଅଭିଯୋଗ କରିଥିଲୁ। ଇଆର୍‌ଆର୍‌ପିରେ ପାଇଥିବା ଜମିକୁ ସରକାର କ୍ୟାନ୍ସର ହସ୍ପିଟାଲ ପାଇଁ ହସ୍ତାନ୍ତର କରିଛନ୍ତି। କର୍କଟ ହସ୍ପିଟାଲ ନିର୍ମାଣ କରାଯାଉ, ଏଥିରେ ଆପତ୍ତି ନାହିଁ। ସରକାର ଉପଯୁକ୍ତ ଥଇଥାନର ବ୍ୟବସ୍ଥା କରିବାକୁ ଦାବିରେ ଉଲ୍ଲେଖ ରହିଛି।

# ଚିଲିକା କୂଳରେ ଫାଇଲିନ ହିତାଧିକାରୀଙ୍କ ଧାରଣା



ଯୋଗ୍ୟ ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶ ଦାବିରେ ଧାରଣା ଦିଆଯାଇଛି।

**କୃଷ୍ଣପ୍ରସାଦ,୨୬।୭(ଡି.ଏନ୍.ଏ.)**

ଫାଇଲିନକୁ ୮ ବର୍ଷ ବିତିଯାଇଥିଲେ ମଧ ଗୃହ ବଣ୍ଟନ କାର୍ଯ୍ୟ ଶେଷ ହୋଇପାରି ନାହିଁ। ବ୍ଲକ ଓ ଜିଲାପାଳ ଅଫିସ, ବିଧାନସଭା ଆଗରେ ଧାରଣା ଦେଲେ ମଧ ସୁଫଳ ମିଳିଲା ନାହିଁ। ଅନ୍ୟପଟେ ହାଇକୋର୍ଟ ହିତାଧିକାରୀଙ୍କ ସପକ୍ଷରେ ଡିଗ୍ରୀ ଶୁଣାଇଥିଲେ ମଧ କାର୍ଯ୍ୟକାରୀ ହେଉନାହିଁ। ଏହାର ପ୍ରତିବାଦରେ ସୋମବାର ହିତାଧିକାରୀମାନେ ଜହ୍ନିକୁଦା ଚିଲିକା କୂଳରେ ଧାରଣା ଦେଇଛନ୍ତି। ବାତ୍ୟା ନିରୋଧ ବାସଗୃହ ମଞ୍ଚ ଆବାହକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅପରାହ୍ନ ୧ଟାରୁ ୩ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ଏହି ଧାରଣାରେ ସାମିଲ ହୋଇଛନ୍ତି। ଧାରଣା ଦେବା ନେଇ ପୂର୍ବରୁ ଜିଲାପାଳ, ବିଡିଓ, ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ମଧ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ତେବେ ଆନ୍ଦୋଳନକାରୀମାନେ ଅହୋରାତ୍ର ଧାରଣାରେ ବସିରହିବେ। ଏଥିସହ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଆନ୍ଦୋଳନକାରୀ ଚିଲିକାରେ ପଶି ସାତପଡ଼ା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ ବୋଲି ମଞ୍ଚ ଆବାହକ ଜେନା କହିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ। ମଞ୍ଚ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ସଂଯୋଜକ କାର୍ତ୍ତିକ ଦଳେଇ, ତ୍ରିନାଥ ଜେନା, ଉପେନ୍ଦ୍ର ଜେନା, ମମତା ଜେନା, କୁନିରାଣୀ ଜେନା, ତ୍ରିନାଥ ଜେନା, ଶୈଳବାଳା ଜେନା, ଶମ୍ଭୁ ପଲେଇ, ପ୍ରଫୁଲ୍ଲ ଜଗଦେବ, ନାରାୟଣ ମହାପାତ୍ର ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

## ବାଲିବନ୍ତ ସୁରକ୍ଷା ଦାବିରେ ଜିଲାପାଳଙ୍କୁ ଦାବିପତ୍ର

**ପୁରୀ ଅଫିସ,୨୬।୭**

ପୁରୀ ଜିଲାର ସାମୁଦ୍ରିକ ଉପକୂଳ ଅଞ୍ଚଳରେ ସମସ୍ତ ପ୍ରାକୃତିକ ବାଲିବନ୍ତରୁ ବାଲି ଖନନ ଓ ଚୋରାଚାଲାଣ ବନ୍ଦ କରିବା, ଏହାର ସୁରକ୍ଷା, ଦୀର୍ଘକାଳୀନ ପରିଚାଳନା କରିବା ସହ ବାଲି ମାଫିଆ ଓ ଦାୟୀ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଉପକୂଳ ବାଲିବନ୍ତ ସୁରକ୍ଷା ପରିଷଦ ପକ୍ଷରୁ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଉଲ୍ଲେଖ ରହିଛି ଯେ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ୍‌ର ଉପକୂଳ ଅଞ୍ଚଳରେ ଅବସ୍ଥିତ ସମସ୍ତ ବାଲିବନ୍ତ ଜୁଆର, ବାତ୍ୟାରୁ ରକ୍ଷା କରିବା ପାଇଁ ଶହଶହ ବର୍ଷ ଧରି ରହିଛି। ମାତ୍ର କେତେଜଣ ବାଲି ମାଫିଆ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମିଳିତ ଉଦ୍ୟମରେ ବେଆଇନ ବାଲି ଖନନ କରାଯାଉଛି। ଫଳରେ ବାଲିବନ୍ତର ଅସ୍ତିତ୍ୱ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ସେହିପରି ହରିସହଦେବ ବାଲିବନ୍ତରୁ ମଧ ବେଆଇନ ବାଲି ଚାଲାଣ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ବାଲିଖନନକୁ ବନ୍ଦ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ବାଲିବନ୍ତଗୁଡିକର ସୁରକ୍ଷା ଦାୟିତ୍ୱ ସ୍ଥାନୀୟ ଜନତାଙ୍କ ହାତରେ ଦିଆଯାଉ। ବାଲିବନ୍ତ ସୁରକ୍ଷା କମିଟି ଗଠନ କରାଯାଇ ଏଥିରେ ସମ୍ପୃକ୍ତ ଗ୍ରାମ କମିଟି, ପଞ୍ଚାୟତ ପ୍ରତିନିଧି, ପରିବେଶବିତ, ପ୍ରଶାସନିକ ଅଧିକାରୀ ଏବଂ ଆରକ୍ଷୀ ବିଭାଗର ପ୍ରତିନିଧିଙ୍କୁ ସାମିଲ କରାଯାଉ। ପରିଷଦ ସଦସ୍ୟ ସୁରେନ୍ଦ୍ର ନାଥ ଜେନା, ଦିଗାମ୍ବର ବେହେରା, ରଞ୍ଜନ ଦଳାଇ, ପୀତବାସ ବେହେରା ଉପସ୍ଥିତ ଥିଲେ।

# ବୋଲଗଡ଼ରେ ରାଜସ୍ୱ ରଥ ସେବା ଠପ୍

**ବୋଲଗଡ଼,୨୬।୭(ଡି.ଏନ୍.ଏ.)**

କରୋନା ସମୟରେ ରାଜସ୍ୱ ସମ୍ପର୍କିତ ସେବା ଲୋକମାନଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ରାଜସ୍ୱ ରଥ ଯୋଜନାର ଶୁଭାରମ୍ଭ ହୋଇଥିଲା। ତେବେ ବୋଲଗଡ଼ ତହସିଲରେ ଏହି ରଥର ଉଦ୍‌ଘାଟନ କରାଯାଇ କେତେଜଣ ହିତାଧିକାରୀଙ୍କୁ ସାର୍ଟିଫିକେଟ ଓ ପଟ୍ଟା ବଣ୍ଟନ କରାଯାଇଥିଲା। କିଛିଦିନ ପରେ ଏହି ସେବା ଠପ୍ ହୋଇଯାଇଛି। ଅନ୍ୟପଟେ ପୋଷ୍ଟାଲରେ ପଟ୍ଟା ପଠାଇବାର ବ୍ୟବସ୍ଥା ଥିଲେ ମଧ କେତେକ ଜାଗାରେ କାର୍ଯ୍ୟକାରୀ କରାଯାଉନାହିଁ। ବାରମ୍ବାର କାର୍ଯ୍ୟାଳୟକୁ ଆସୁଥିଲେ ମଧ ପଟ୍ଟା ମିଳୁନାହିଁ। ଅନଲାଇନ ମାଧରେ ପଟ୍ଟା ସଂଗ୍ରହ ହୋଇପାରୁଥିବା ବେଳେ କାର୍ଯ୍ୟାଳୟରୁ ମିଳିପାରୁ ନାହିଁ। ରାଜସ୍ୱ ରଥ ସେବା ବନ୍ଦ ନେଇ ତହସିଲଦାର ହେମେନ୍ଦ୍ର ନାରାୟଣ ମହାନ୍ତିଙ୍କୁ ପଚାରିବାରୁ କୁହନ୍ତି, ଏ ବାବାଦରେ ଅର୍ଥର ବ୍ୟବସ୍ଥା ନାହିଁ ବୋଲି କହିଥିଲେ।

# ୨୭୮ ସ୍କୁଲରେ ହେଲା ପାଠପଢ଼ା

**ଖୋର୍ଦ୍ଧା ଅଫିସ/ଜଟଣୀ/ଝାଁଳା, ୨୬।୭(ଡି.ଏନ୍.ଏ.)**

ସରକାରଙ୍କ ନିଷ୍ପତ୍ତି ମୁତାବକ ସୋମବାରଠାରୁ ଅଫ୍ ଲାଇନରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କଟକଣା ମଧରେ ଖୋର୍ଦ୍ଧା ଜିଲାର ୨୯୧ଟି ହାଇସ୍କୁଲ ମଧରୁ ୨୭୮ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଛି। ୧୨ଟି ବିଦ୍ୟାଳୟରେ ଦଶମ ପିଲାଙ୍କ ଅଫ୍ ଲାଇନ ପରୀକ୍ଷା ପାଇଁ କେନ୍ଦ୍ର କରାଯାଇଛି। ତେଣୁ ଏହି ବିଦ୍ୟାଳୟଗୁଡ଼ିକୁ ପାଠପଢ଼ାରୁ ବାଦ୍ ଦିଆଯାଇଛି। ସେହିପରି ଗୋଟିଏ ବିଦ୍ୟାଳୟ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଆସୁଥିବାରୁ ଏହି ବିଦ୍ୟାଳୟରେ ପାଠପଢ଼ା ବନ୍ଦ କରାଯାଇଛି। ଜିଲାରେ ପ୍ରଥମ ଦିନରେ ୫୪% ଉପସ୍ଥାନ ରହିଥିବା ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି। ପୂର୍ବାହ୍ନ ୧୦ ରୁ ଅପରାହ୍ନ ୧ଟା ୩୦ ଘଟିକା ପର୍ଯ୍ୟନ୍ତ ପିଲାମାନେ ପାଠ ପଢ଼ିଥିଲେ। ମାସ୍କ, ସାନିଟାଇଜର ଧରି ବିଦ୍ୟାଳୟକୁ ପ୍ରବେଶ କରିଥିଲେ। ପ୍ରବେଶ ପଥରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ରହି ପିଲାଙ୍କ ଥର୍ମାଲ ସ୍କ୍ରିନିଂ କରିଥିଲେ। କ୍ଲାସ ରୁମ ଆଗରେ ରହିଥିବା ରୋଲ ନମ୍ବର ଅନୁସାରେ ପିଲାମାନେ କ୍ଲାସରେ ବସିଥିଲେ। ଦୀର୍ଘଦିନ ପରେ ସ୍କୁଲ ଖୋଲିଥିବାରୁ ପିଲାଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି।

ଡିଇଓ ମହାପାତ୍ର ଆହୁରି କହିଛନ୍ତି ଯେ, ସମସ୍ତ ପିଲା ବିଦ୍ୟାଳୟ ଆସିବା ପାଇଁ ବାଧ୍ୟତାମୂଳକ ନୁହଁ। ପାଠପଢ଼ା ଆରମ୍ଭ ହୋଇଥିଲେ ମଧ ଅନ୍‌ଲାଇନ ଶିକ୍ଷାଦାନ ପ୍ରକ୍ରିୟା ଜାରି ରହିଛି।

## ବିଦ୍ୟାଳୟ ବୁଲିଲେ ଜିଲାପାଳ



ଜିଲାପାଳ ସନତ୍ ମହାନ୍ତି ଓ ଡିଇଓ ବନ୍ଦନା ମହାପାତ୍ର ସୋମବାର ଖୋର୍ଦ୍ଧା ଏବଂ ଜଟଣୀ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଖୋର୍ଦ୍ଧା ସରକାରୀ ବାଳିକା ହାଇସ୍କୁଲ, ବାଛରାସ୍ଥିତ ଶୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠ, ବଡ଼ତୋଟା ହାଇସ୍କୁଲ, ମଦନପୁର ସ୍କୁଲ, ଗଙ୍ଗପଡ଼ା ହାଇସ୍କୁଲର କ୍ଲାସରୁମ ବୁଲି ଦେଖିବା ସହ ପାଠପଢ଼ା ସମ୍ପର୍କରେ ପିଲାଙ୍କୁ ପଚାରି ବୁଝିଥିଲେ। ଏଥିସହ ଅନ୍‌ଲାଇନ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ।

### ପ୍ରଥମ ଦିନରେ ୫୪% ଉପସ୍ଥାନ

ବିଦ୍ୟାଳୟକୁ ଆସିବାକୁ ପିଲାଙ୍କ ଅଭିଭାବକଙ୍କ ଅନୁମତିପତ୍ର ସାଥିରେ ଆଣିବାକୁ ପରାମର୍ଶ ଦେବା ଲାଗି ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ କୁହାଯାଇଛି। ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି ହେବା ପରେ ସମସ୍ତ ବିଇଓ, ସିଆରସିସି, ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରାଯାଇଥିଲା। ସମସ୍ତ କ୍ଲଷ୍ଟର ସ୍ତରରେ ବିଇଓ, ସିଆରସିସିମାନେ ବିଦ୍ୟାଳୟର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ପ୍ରଧାନଶିକ୍ଷକ, ଶିକ୍ଷକମାନେ ପିଲାଙ୍କ ଅଭିଭାବକଙ୍କ ସହ ଆଲୋଚନା କରିଛନ୍ତି। ପ୍ରତି କ୍ଲାସରୁମରେ ୨୦ରୁ ୨୫ଜଣ ବସିବା ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟ ପରିସରକୁ ବାହାର ଖାଦ୍ୟ ପ୍ରବେଶ କରିବ ନାହିଁ। ଛାତ୍ରୀଛାତ୍ର ନିଜର ୱାଟରବୋତଲ ବ୍ୟବହାର କରିବେ। ମାସ୍କ ଆଣିନଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ମାସ୍କ ଦିଆଯିବ ବୋଲି କୁହାଯାଇଛି। ଅନ୍ୟପଟେ ଏନେଇ ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ଏସ.ଗୋହଲ ଅଲ୍ଲୀ କୁହନ୍ତି, ମାର୍ଗଦର୍ଶିକା ଅନୁଯାୟୀ ପାଠପଢ଼ା ଆରମ୍ଭ ହୋଇଛି। କ୍ଲାସରୁମକୁ ବିଶୋଧନ କରାଯିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତେନ୍



@ ଶେଖର



@ ଶାନ୍ତନୁ



@ ହରପ୍ରିୟା



@ ଦେବଜ୍ୟୋତି



@ ସିତୁ

# 'ଦେଶ ପାଇଁ ନିଜକୁ ପ୍ରସ୍ତୁତ କର'




ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**ଖୋର୍ଦ୍ଧା ଅଫିସ,୨୬।୭**

ଖୋର୍ଦ୍ଧା ବିଜେବି ହାଇସ୍କୁଲ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସୋମବାର କାର୍‌ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଏସ୍.ଗୋହଲ ଅଲ୍ଲୀ ସଭାପତିତ୍ୱ କରିଥିଲେ। ପୂର୍ବତନ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଦେବ ପ୍ରସାଦ ମଜୁମଦାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରିୟରଞ୍ଜନ ପାଟ୍ଟଶାଣୀ, ଅଞ୍ଜନ ରାୟ, ନବକୃଷ୍ଣ ମିଶ୍ର ପ୍ରମୁଖ ବିଜୟ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଅଲ୍ଲୀ ଏନ୍‌ସିସି କ୍ୟାଡେଟଙ୍କୁ ଦେଶଭକ୍ତିର ଭାବ ଜାଗ୍ରତ କରିବା ସହ ଦେଶ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ସିସି ଶିକ୍ଷକ ବିଭୁପ୍ରସାଦ ସେନାପତି ସଂଯୋଜନା କରିଥିଲେ। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଖୋର୍ଦ୍ଧା ଶାଖା ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଜୟ ଦିବସ ସହ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନଗର ସମ୍ପାଦକ ଲଳିତ ମୋହନ ବଡଜେନା, ଦୀପ୍ତିମୟୀ ପ୍ରତିହାରୀ, ଶିବ ପ୍ରସାଦ ପଲ୍ଲାଙ୍କ ସମେତ ଏକାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସମ୍ପାଦକ ବଡଜେନା କହିଥିଲେ, ୧୯୯୯ ମସିହାରେ ଲାହୋର ରାଜିନାମାକୁ ଅମାନ୍ୟ କରି କରି ପାକିସ୍ତାନ ସେନା କାଶ୍ମୀରର କାର୍ଗିଲ ଅଞ୍ଚଳରେ ଅନୁପ୍ରବେଶ କରିଥିଲେ। ପାକିସ୍ତାନ ସେନାକୁ ଭାରତ ମାଟିରୁ ହଟାଇବା ଲାଗି କେନ୍ଦ୍ର ସରକାର ଅପରେସନ ବିଜୟ ଆରମ୍ଭ କରିଥିଲେ। ଦୁଇ ମାସ ତିନି ସପ୍ତାହ ଧରି ଯୁଦ୍ଧ ଚାଲିବା ପରେ ଜୁଲାଇ ୨୬ରେ ପାକିସ୍ତାନ ପରାସ୍ତ ହୋଇଥିଲା। ଏହି ଯୁଦ୍ଧରେ ଭାରତର ୫୨୭ଜଣ ଯବାନ ଶହୀଦ ହୋଇଥିଲେ। ଶହୀଦଙ୍କୁ ସମ୍ମାନ ଜଣାଇ ଏହି ଦିବସକୁ ବିଜୟ ଦିବସ ଭାବେ ପାଳନ କରାଯାଉଛି ବୋଲି କହିଥିଲେ।

# ସ୍ୱର୍ଗଦ୍ୱାର ଛାତରୁ ଗଳୁଛି ପାଣି

**ପୁରୀ ଅଫିସ,୨୬।୭:**

## କାମର ମାନ ନେଇ ପ୍ରଶ୍ନ ଉଠିଲା

ଗତ ଅକ୍ଷୟତୃତୀୟାଠାରୁ ନୂଆ ସ୍ୱର୍ଗଦ୍ୱାରରେ ମୃତଦେହ ଦାହ ଆରମ୍ଭ ହୋଇଛି। ଏହାର କିଛି ମାସ ପରେ ଏବେ ମୃତଦେହ ଦାହ ପିଣ୍ଡି ଉପର ଛାତରୁ ପାଣି ଗଳିଲାଣି। ସ୍ଥିତି ଏଭଳି ଯେ, କିଛି ପିଣ୍ଡିରେ ମୃତଦେହ ଦାହ କରିବା ସମ୍ଭବ ହେଉନାହିଁ। ଶ୍ରାବଣ ଆରମ୍ଭରୁ ଅସରାଏ ବର୍ଷାରେ ଏଭଳି ସ୍ଥିତି ଦେଖି ଜିଲା ପ୍ରଶାସନ, ସ୍ୱର୍ଗଦ୍ୱାର ସେବା ସମିତି ଏବଂ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକଶନ୍ କର୍ପୋରେଶନ୍ (ଓବିସିସି)ର ଚିନ୍ତା ବଢ଼ିଲାଣି। ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ସ୍ୱର୍ଗଦ୍ୱାର କାମକୁ ନେଇ ଜିଲା ପ୍ରଶାସନ ପ୍ରଶଂସା ନେବାର ସୁଯୋଗ ହାତ ଛଡ଼ା କରି ନ ଥିଲା। ତେବେ ଏବେ ମୃତଦେହ ଦାହ ପିଣ୍ଡି ପାଖରୁ ପାଣି ଗଳୁଥିବା ଦେଖି ସାଧାରଣ ଲୋକେ କାମର ମାନକୁ ନେଇ ପ୍ରଶ୍ନ ଉଠାଇଲେଣି। କାମ ନିମ୍ନମାନର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। କିଛି ମାସ ତଳେ କାଳବୈଶାଖୀ ବର୍ଷାରେ ସ୍ୱର୍ଗଦ୍ୱାର ଛାତରୁ ପ୍ରଥମେ ପାଣି ଗଳିବା ଆରମ୍ଭ ହୋଇଥିଲା। ଏନେଇ ସ୍ୱର୍ଗଦ୍ୱାର କର୍ମଚାରୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଜିଲାପାଳ ସମ୍ପୃକ୍ତ ସ୍ଥାନ ଯାଞ୍ଚ କରି ଓବିସିସିକୁ କାର୍ଯ୍ୟଭାର ଦେଇଛନ୍ତି। ତେବେ ପାଣି ଗଳିବା ସମ୍ପର୍କରେ ଜଣେ ଅଧିକାରୀ କହିଛନ୍ତି, ବ୍ରିଜ୍ ନିର୍ମାଣ କରୁଥିବା ସଂସ୍ଥାକୁ ଘର ନିର୍ମାଣ କରିବାକୁ ଦିଆଗଲା। ସେମାନେ ବଡ଼ ବଡ଼ କ୍ରେନ୍‌ରେ ପିଲାର ଉପରେ କଂକ୍ରିଟ୍ ଛାତ ଲଦି ରଖିଲେ। ମାତ୍ର ଦୁଇ କଂକ୍ରିଟ୍ ଛାତ ମଧ୍ୟରେ ଥିବା ଫାଙ୍କକୁ ବନ୍ଦ କରିବାକୁ ଗ୍ରାଉଟିଂ କଲେନାହିଁ। ଫଳରେ ଏହି ସମସ୍ୟା ଦେଖାଦେଇଛି। ସାଧାରଣତଃ ଏହି ଫାଙ୍କକୁ ଦୂରରୁ ବାରିବା ସମ୍ଭବ ନୁହେଁ। ବର୍ଷାଦିନେ ପାଣି ଗଳିବା ପାଇଁ ଫାଙ୍କ ବହୁତ୍ ବଡ଼। ତେବେ ଓବିସିସି ଭଳି ସୁଦକ୍ଷ ସଂସ୍ଥା ଗ୍ରାଉଟିଂ କାର୍ଯ୍ୟ କରି ନ ଥିଲା କାହିଁକି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନା ଅଧିକାରୀ କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ବର୍ଷା ଦିନ ଆରମ୍ଭ ନ ହେଉଣୁ ଏଭଳି ଅବସ୍ଥା ହେଲା। ତୁରନ୍ତ ମରାମତି କାମ ନ ସରିଲେ ମୃତଦେହ ଦାହରେ ଅନେକ ସମସ୍ୟା ଉପୁଜିବ। ସେହିପରି ପୂର୍ବତନ ଜିଲାପାଳ ବଲୱନ୍ତ ସିଂଙ୍କ ସମୟରେ ପ୍ରସ୍ତୁତ ହୋଇଥିବା ନକ୍ସାରେ ସାମାନ୍ୟ ପରିବର୍ତ୍ତନ କରାଯାଇ ନୂଆ ସ୍ୱର୍ଗଦ୍ୱାର ନିର୍ମାଣ ହୋଇଛି। ନକ୍ସାରେ କ'ଣ ପରିବର୍ତ୍ତନ ହୋଇଛି ଓ କାମ ପଛର କାରଣ କ'ଣ ସେନେଇ ଜିଲା ପ୍ରଶାସନ ସ୍ପଷ୍ଟୀକରଣ ରଖିବା ଆବଶ୍ୟକ। ଅନ୍ୟପକ୍ଷରେ ଏନେଇ ଓବିସିସି ନିର୍ଦ୍ଦେଶକ ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ଗ୍ରାଉଟିଂ କାର୍ଯ୍ୟ ହୋଇପାରି ନ ଥିଲା। ସମସ୍ୟା ଦେଖିବା ପରେ କାମ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର କାମ ସରିବ। ସେହିପରି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ବର୍ଷାରେ ପାଣି ଗଳିବା ନେଇ ଅଭିଯୋଗ ଆସିବା ପରେ ଓବିସିସିକୁ ଏସମ୍ପର୍କିତ ସୂଚନା ଦିଆଯାଇଛି। ମରାମତି କାମ ଯଥାଶୀଘ୍ର ସାରିବାକୁ ପ୍ରୟାସ ଚାଲିଛି।



ଆମେରିକା ବିରୋଧରେ କ୍ୟୁବାବାସୀଙ୍କ ସଂଗ୍ରାମ ପ୍ରତି ସଂହତି ଜଣାଇ ସୋମବାର ପୁରୀ କଚେରି ଛକ ନିକଟରେ ସର୍ବଭାରତୀୟ ଶାନ୍ତି ଓ ସଂହତି ସଙ୍ଗଠନ ତରଫରୁ ପ୍ରତିବାଦ କରାଯାଉଛି।

## ଯୁବକଙ୍କୁ ହତ୍ୟା ଘଟଣା, ମୁଖ୍ୟ ଅଭିଯୁକ୍ତ ଚିହ୍ନଟ

**ପୁରୀ ଅଫିସ,୨୬।୭**

ବାସେଳି ସାହି ଥାନା ଅନ୍ତର୍ଗତ ବଡ଼ପୋଖରୀ ଜାଗା ନିକଟରେ କେତେଜଣ ଦୁର୍ବୃତ୍ତ ରବିବାର ବିଭିନ୍ନ ମାରଣାସ୍ତ୍ରରେ ଜଣେ ଯୁବକଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିଥିବା ନେଇ ସୋମବାର ସୂଚନା ଦିଆଯାଇଛି । ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏସ୍‌ପି କେ. ବିଶାଳ ସିଂଙ୍କ ନେତୃତ୍ୱରେ ୩ଟି ଟିମ ଗଠନ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି। ସେହିଭଳି ଘଟଣାସ୍ଥଳର କିଛି ଦୂରରୁ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଜବତ କରାଯାଇଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ତଦନ୍ତ ଜାରି ରହିଥିବାରୁ କୌଣସି ବାଧା ଉପଜିବା ଆଶଙ୍କା କରାଯାଇ ପୋଲିସ ପକ୍ଷରୁ ଅଭିଯୁକ୍ତର ନାମ ଗୋପନ ରଖାଯାଇଛି। ସୂଚନାଯୋଗ୍ୟ ରବିବାର ସନ୍ଧ୍ୟାରେ ୪ରୁ ୫ଜଣ ଦୁର୍ବୃତ୍ତଙ୍କ ଖଣ୍ଡା ଆକ୍ରମଣରେ ବଡ ଓଡ଼ିଆ ମଠ ନିକଟର ଜିତେନ୍ଦ୍ର ପୁରୋହିତଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ସଦର ମୁଖ୍ୟ ଚିକିତ୍ସାଳୟରେ କରାଇଛି ।


ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଅବଦୁଲ କଲାମଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଜଣାଇ ପୁରୀର ସୂର୍ଯ୍ୟକାନ୍ତ ଦାସଙ୍କ ଡିଜିଟାଲ ଚିତ୍ର ।

## ଅସ୍ୱୀକାର କଲା ପୁରୀ ପ୍ରଶାସନ

**କଟକ ଅଫିସ, ୨୬।୭:**

- ଗୋଡି ଶ୍ରମିକ ମାମଲା
- ଅଗଷ୍ଟ ୧୬ରେ ପରବର୍ତ୍ତୀ ଶୁଣାଣି

ଗୋଡି ଶ୍ରମିକ ମାମଲାରେ ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ରିପୋର୍ଟ ଦାଖଲ କରାଯାଇଛି। ଏଥିରେ ଗୋଡି ଶ୍ରମିକ ଘଟଣାକୁ ଅସ୍ୱୀକାର କରାଯାଇଛି। ପରେ ହାଇକୋର୍ଟ ଆବେଦନକାରୀଙ୍କୁ ବିସ୍ତୃତ ରିପୋର୍ଟ ଅଗଷ୍ଟ ୯ ତାରିଖ ସୁଦ୍ଧା ଦାଖଲ କରିବାକୁ କହିଛନ୍ତି। ଅଗଷ୍ଟ ୧୬ ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ବିଚାରପତି ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ। ପୁରୀ ଜିଲା ପିପିଲି ବ୍ଲକ ଭବାନୀପୁର ଅଞ୍ଚଳରେ ଜଣେ ବ୍ୟକ୍ତି କେତେଜଣ ଲୋକଙ୍କୁ ଆଣି କିଛିଦିନ ହେଲା ଗୋଡି ଶ୍ରମିକ ଭାବେ ଖଟାଇ ଆସୁଥିଲେ। ଏନେଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ପିପିଲି ତହସିଲଦାରଙ୍କୁ ଘଟଣାର ସତ୍ୟତା ନେଇ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ସେହିପରି ସେମାନଙ୍କୁ ଉଦ୍ଧାର କରି ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗତ ୧୬ ତାରିଖରେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

## ଥାନା ସମ୍ମୁଖରେ ଖବରଦାତାଙ୍କ ଧାରଣା

**ଗୋପ,୨୬।୭(ଡି.ଏନ୍.ଏ.)**

- ଖବରଦାତାଙ୍କୁ ଗାଳିଗୁଲଜ କରିବା ଘଟଣା
- ଥାନାଧିକାରୀଙ୍କୁ ୧୦ଦିନ ମଧ୍ୟରେ ବଦଳି ପାଇଁ ପ୍ରତିଶ୍ରୁତି

ଖବରଦାତାମାନେ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ରହିଛି। ତେଣୁ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଭାବେ ଖବରଦାତାଙ୍କୁ ନିଆଯାଇଛି। ଯଦି ସେହି ୪ର୍ଥ ସ୍ତମ୍ଭକୁ କେହି ଅସମ୍ମାନ କରନ୍ତି ସେମାନଙ୍କୁ କେବେ ବି ଗଣତନ୍ତ୍ର କ୍ଷମାଦେବ ନାହିଁ ବୋଲି ସୋମବାର ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ଗୋପ ଥାନା ଆଗରେ ହୋଇଥିବା ପ୍ରତିବାଦ ସଭାରେ ଯୋଗଦେଇ ଏହା କହିଛନ୍ତି। ଏହି ଥାନା ଅଞ୍ଚଳର ଜଣେ ଖବରଦାତାଙ୍କୁ ଥାନାଧିକାରୀ ଗାଳିଗୁଲଜ କରିବା ଘଟଣାକୁ ବିରୋଧ କରି ଜିଲା ସାମ୍ବାଦିକ ସଂଘ ଡାକରାରେ ଶତାଧିକ ଖବରଦାତା ଶୋଭାଯାତ୍ରା କରି ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବଦଳି ଦାବି କରି ଏହି ପ୍ରତିବାଦ ସଭା ଏବଂ ଧାରଣା ଦିଆଯାଇଥିଲା। ଦୀର୍ଘ ୫ ଘଣ୍ଟା ଧରି ଧାରଣା ହେବା ପରେ ଜିଲା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଡିଏସ୍‌ପି ଦେବାଶିଷ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ୧୦ ଦିନ ମଧ୍ୟରେ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅନ୍ୟତ୍ର ବଦଳି କରାଯିବାର ପ୍ରତିଶ୍ରୁତି ଦେବାପରେ ଧାରଣା ଉଠିଥିଲା।

ସୂଚନାଯୋଗ୍ୟ, ଗତ ୭ ତାରିଖରେ ଗୋପ ଥାନାଧିକାରୀଙ୍କ ଏକ ଭିଡିଓ ଭାଇରାଲ ଖବରକୁ ନେଇ ଖବରଦାତା ସୁବାସ ରଞ୍ଜନ ସେନାପତିଙ୍କ ଜରିଆରେ ଖବରଦାତା ସନ୍ତୋଷ ରାୟଙ୍କୁ ଗାଳିଗୁଲଜ କରିଥିଲେ। ଥାନାଧିକାରୀଙ୍କ ଏଭଳି ମନ୍ତବ୍ୟକୁ ଜିଲା ଓ ରାଜ୍ୟ ଖବରଦାତାମାନେ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅଭିଯୋଗ କରିଥିଲେ। ୨ ସପ୍ତାହ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହୋଇଥିବାରୁ ସୋମବାର ଧାରଣା ନିଷ୍ପତ୍ତି ନିଆଯାଇଥିଲା। ଗୋପ ଆଖଣ୍ଡଳେଶ୍ୱର ଶୈବ ପୀଠରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ଧାରଣାସ୍ଥଳକୁ ଯାଇଥିଲେ। ଏଥିରେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ରାଜ୍ୟ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ସଞ୍ଜୟ ପତି, ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଧୀରେନ୍ଦ୍ର ସେନାପତି, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଯଦି କାର୍ଯ୍ୟାନୁଷ୍ଠାନ ନ କରାଯାଏ ୧୦ଦିନ ପରେ ସଂଘ ପକ୍ଷରୁ ଜିଲା ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେବା ସହ ରାଜ୍ୟବ୍ୟାପୀ ଧାରଣା ଦିଆଯିବ ବୋଲି ସଂଘ ନିଷ୍ପତ୍ତି ନେଇଛି।



ଗୋପ ଥାନା ସମ୍ମୁଖରେ ଖବରଦାତାମାନେ ଧାରଣା ଦେଇଛନ୍ତି ।




## ସଂକ୍ଷେପରେ

### କଟକଣା ଯୋଗୁ ଶ୍ରୀଲୋକନାଥ ପୀଠ ଖାଁ ଖାଁ

ପୁରୀ ଅଫିସ,୨୬।୭ - କରୋନା କାରଣରୁ ଚଳିତବର୍ଷ ମଧ୍ୟ ପୁରୀର ଶୈବପୀଠ ବାବା ଲୋକନାଥଙ୍କ ପୀଠ ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଖାଁ ଖାଁ ରହିଛି। କରୋନା କଟକଣା ଯୋଗୁ ରାଜ୍ୟ ସରକାର ଚଳିତବର୍ଷ ମଧ୍ୟ କାଉଡ଼ିଆମାନଙ୍କୁ ଜଳଲାଗି ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ରାଜ୍ୟର ସମସ୍ତ ଶୈବପୀଠକୁ ମଧ୍ୟ ସ୍ଥାନୀୟ କାଉଡ଼ିଆମାନଙ୍କୁ ବାରଣ କରିବା ପାଇଁ ସୂଚନା ଦେଇଥିଲେ। ଏହି କାରଣରୁ ପ୍ରଥମ ସୋମବାରରେ ଶ୍ରୀଲୋକନାଥଙ୍କ ପୀଠ କାଉଡ଼ିଆଙ୍କ ଗହଳିଚହଳି ଦେଖିବାକୁ ମିଳି ନ ଥିଲା। ସମସ୍ତ ବୋଲବମ୍ ଭକ୍ତ କଟକଣା ମାନି କେହି ଶୈବପୀଠକୁ ଆସି ନ ଥିବା ମନ୍ଦିର ପୂଜକ ପ୍ରକାଶ କରିଛନ୍ତି।

### ରାଷ୍ଟ୍ରୀୟ ମହିଳା ଶକ୍ତି ସଙ୍ଗଠନର ବୈଠକ

ସାକ୍ଷୀଗୋପାଳ, ୨୬।୭(ସ୍ୱ.ପ୍ର.): ସତ୍ୟବାଦୀ ବ୍ଲକ ବନପୁରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ରାଷ୍ଟ୍ରୀୟ ମହିଳା ଶକ୍ତି ସଙ୍ଗଠନ ପକ୍ଷରୁ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାକ୍ଷୀଗୋପାଳ ବ୍ଲକ ମହିଳା ଶକ୍ତି ସଙ୍ଗଠନର ସଭାପତି ସୁଦର୍ଶନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ କହିଥିଲେ, ବ୍ଲକର ବିଧବା ମହିଳାଙ୍କୁ ଚିହ୍ନଟ କରାଯାଇ ସେମାନେ ଯେଭଳି ସମାଜରେ ଅବହେଳିତ ହୋଇ ନ ରହିବେ ସେଥିଲାଗି ପଦକ୍ଷେପ ନିଆଯିବ। ରାଷ୍ଟ୍ରୀୟ ମହିଳା ଶକ୍ତି ପକ୍ଷରୁ ପ୍ରତ୍ୟେକ ହିତାଧିକାରୀଙ୍କୁ ୬ଟି ଯୋଜନାରେ ଆଜୀବନ ବିଧବା ଭତ୍ତା ମାସିକ ଏକ ହଜାର ଟଙ୍କା ଲେଖାଏ ଦିଆଯିବ। ପିଲାଙ୍କୁ ୨୨ବର୍ଷ ବୟସ ପର୍ଯ୍ୟନ୍ତ ମାଗଣା ଶିକ୍ଷା, ସରକାରୀ ବସ୍/ଟ୍ରେନରେ ଯାତ୍ରା ପାଇଁ ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା, ମାସିକ ବିଦ୍ୟୁତ୍ ବିଲ୍ ଓ ପାଣି ବିଲ୍ ଛାଡ଼, ବାସଗୃହ ଯୋଗାଇଦେବା ଅନୁଷ୍ଠାନର ଲକ୍ଷ୍ୟ। ଆବଶ୍ୟକ ତଥ୍ୟ ଯୋଗାଡ଼ ପାଇଁ ଏକ ମେଳା ଆୟୋଜନ ହେବ ବୋଲି ସେ କହିଥିଲେ। ମହାସଚିବ ମଦନ ମୋହନ ପ୍ରଧାନ ବିବରଣୀ ପାଠ କରିଥିଲେ। ପରାମର୍ଶଦାତା ତଥା ଆଇନଜୀବୀ ସୁଶାନ୍ତ ରଥ, ମହିଳା ଅଧ୍ୟକ୍ଷା ଲୋପାମୁଦ୍ରା ଦାସ, ଆକାଉଣ୍ଟାଣ୍ଟ ଦେବବ୍ରତ ପଟ୍ଟନାୟକ, ଝୁନା ସେନାପତି, ରୋଜାଲିନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମାସ୍କ ବଣ୍ଟନ, ଚାରାରୋପଣ

ସାକ୍ଷୀଗୋପାଳ,୨୬।୭(ସ୍ୱ.ପ୍ର.)- ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତରେ ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ପକ୍ଷରୁ ବ୍ରାହ୍ମଣପଡା ଗ୍ରାମରେ ଚାରାରୋପଣ ଓ ମାସ୍କ ବଣ୍ଟନ କରାଯାଇଛି। ଗ୍ରାମର ଏକ ଅନ୍ଧ ଖଇରା ପରିବାର ଏବଂ ବୟସ୍କ ବ୍ରାହ୍ମଣଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟରେ ଗ୍ରାମବାସୀ ସହଯୋଗର ହାତ ବଢ଼ାଇ ଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ବିଷ୍ଣୁ ମହାରଣା, ସଭ୍ୟ ବିନିତ ଶତପଥୀ, ସ୍ୱାଧୀନ ଶତପଥୀ, ସଂଗଠନ ସମ୍ପାଦକ ବସନ୍ତ ସ୍ୱାଇଁ, ସେବା ସଚିବ ବ୍ରଜକିଶୋର ପାଇକରାୟ, ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସଚିବ ନବଘନ ଶତପଥୀ ଓ ପ୍ରାନ୍ତୀୟ ସଂସ୍କାର ସଚିବ ସତ୍ୟବାଦୀ ଦାଶ ସଂଯୋଜନା କରିଥିଲେ ।

# ପ୍ରଥମ ଦିନରେ ୬୦ % ଛାତ୍ରୀଛାତ୍ର ଆସିଲେ

**ପୁରୀ ଅଫିସ,୨୬।୭**

କରୋନା ପାଇଁ ଦୀର୍ଘମାସ ଧରି ବନ୍ଦ ରହିଥିବା ବିଦ୍ୟାଳୟଗୁଡ଼ିକ ସୋମବାର ଖୋଲିଛି। ପ୍ରଥମ ପର୍ଯ୍ୟାୟରେ କେବଳ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ପାଠପଢ଼ା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୁରୀର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ଖୋଲିଥିବା ବେଳେ ପ୍ରଥମ ଦିନରେ ୬୦ପ୍ରତିଶତ ଛାତ୍ରୀଛାତ୍ର ଉପସ୍ଥାନ ଦେଇଥିବା ସୂଚନା ମିଳିଛି। ବିଦ୍ୟାଳୟ ଖୋଲିବା ପୂର୍ବରୁ ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକୁ ସାନିଟାଇଜ କରାଯାଇଥିଲା। ବିଦ୍ୟାର୍ଥୀମାନେ ପ୍ରବେଶ କରିବା ପୂର୍ବରୁ ମାସ୍କ ଦିଆଯିବା ସହ ସାନିଟାଇଜ କରାଯାଇଥିଲା। ସେହିପରି ପିଲାମାନଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରି ପାଠପଢା ହୋଇଥିଲା। ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ୍‌ଲାଇନକୁ ମାନି ପାଠପଢ଼ା ହୋଇଛି। ସକାଳ ୧୦ଟାରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ପାଠପଢା ହେବ। କରୋନା ପାଇଁ ଯେଉଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଛାଡିବାକୁ ଚାହିଁନାହାନ୍ତି ସେମାନଙ୍କୁ ଅନଲାଇନରେ ଶିକ୍ଷା ଦିଆଯିବ। ଅପରପକ୍ଷେ ଅଗଷ୍ଟ ୧୬ ତାରିଖରୁ ନବମ ଶ୍ରେଣୀ ଖୋଲିବା ପାଇଁ ସରକାରୀ ନିଷ୍ପତ୍ତି ନିଆଯାଇଛି।

## ଖୋଲିଲା ସ୍କୁଲ, ପାଠପଢ଼ା ଆରମ୍ଭ

**ବଲଙ୍ଗା,୨୬।୭(ଡି.ଏନ୍.ଏ.)**

ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ସୋମବାରଠାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଶିକ୍ଷା ଦାନ ଆରମ୍ଭ ହୋଇଛି। ସରକାରୀ ନୋଡ଼ାଲ ବଲଙ୍ଗା ଦଶମ ଶ୍ରେଣୀ ୧୪୧ରୁ ୭୬, ପଞ୍ଚାୟତ ଉଚ୍ଚ ଭାଣପୁର ୮୫ରୁ ୬୭,ଉତ୍କଳମଣି ନୋଡାଲ ନୂଆସନ୍ଥ ୮୭ ରୁ ୬୬ ଜଣ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିଥିଲେ। ସରପଞ୍ଚ ଅଜିତ କୁମାର ଦଳାଇ, ସାମାଜିକ କର୍ମୀ ଅଜିତ ଚାନ୍ଦ ଦାସ, ସୁକାନ୍ତ କୁମାର ବରାଳ, ପ୍ରସନ୍ନ ଶତପଥୀ, ଗୋଲଖ ବେହେରା, ପ୍ରଧାନ ଶିକ୍ଷକ ନିରଞ୍ଜନ କର, ନୃସିଂହ ଚରଣ ବେହେରା, ମାନଗୋବିନ୍ଦ ସେଠୀ, ପ୍ରମେଶ ଖଟୋଇ ପ୍ରଭୃତି ଶିକ୍ଷୟିତ୍ରୀ ଶିକ୍ଷକ ମାସ୍କ ବଣ୍ଟନ କରିବା ସହିତ ଥର୍ମାଲ ସ୍କାନ ପରେ ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହକୁ ପ୍ରବେଶ କରିଥିଲେ। ସେହିଭଳି ବଲଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ ୪୧୧ ଜଣଙ୍କ ମଧ୍ୟରୁ ୧୧୦ଜଣ ଛାତ୍ରୀଛାତ୍ର ଆସିଥିଲେ। ଅଧିକାଂଶ ଛାତ୍ରୀଛାତ୍ର ମାତାପିତାଙ୍କଠାରୁ ଅନୁମତି ପତ୍ର ଆଣିଥିବା ପ୍ରଧାନ ଶିକ୍ଷକମାନଙ୍କଠାରୁ ପ୍ରକାଶ।

# ଜାଗା ମିଶନରୁ ବାଦ୍ ପଡ଼ିବାରୁ ଅସନ୍ତୋଷ

**ପୁରୀ ଅଫିସ,୨୬।୭:**

- ବିରୋଧ ପ୍ରଦର୍ଶନ ପୂର୍ବରୁ ୪ ନେତାଙ୍କୁ ଉଠାଇନେଲା ପୋଲିସ
- ୨୮ରେ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଲେ ଜିଲାପାଳ

ବଳିଆପଣ୍ଡା ବସ୍ତିଠାରେ ସୋମବାର ରାଜ୍ୟ ସରକାର ଡ୍ରିଙ୍କ-ଫ୍ରମ୍-ଟ୍ୟାପ୍ ଯୋଜନାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ୧୭୦୦ ବସ୍ତି ପରିବାର ଜାଗା ମିଶନରେ ସାମିଲ ହୋଇ ନ ଥିବାରୁ ବିରୋଧ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ପୋଲିସ ଯୁବ କଂଗ୍ରେସର ୪ନେତାଙ୍କୁ ଉଠାଇନେଇଥିଲା। ନେତାମାନଙ୍କୁ ବଳିଆପଣ୍ଡା ଥାନାରେ ଅଟକ ରଖାଯାଇଥିବାବେଳେ ଏହାକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ବସ୍ତିରେ ପୋଲିସ ମୁତୟନ କରାଯାଇଥିଲା। ଫଳରେ ଲୋକେ ପ୍ରତିବାଦ ପାଇଁ ବାହାରି ପାରି ନ ଥିଲେ। ପରେ ଅଟକ ଥିବା ନେତାଙ୍କ ସମେତ ବସ୍ତି ମୁରବିଙ୍କ ସହିତ ପୁରୀ ସର୍କିଟ ହାଉସ୍‌ରେ ମନ୍ତ୍ରୀ ପ୍ରତାପ ଜେନା ଓ ଜିଲାପାଳ ସମର୍ଥ ବର୍ମା ଆଲୋଚନା କରିଥିଲେ। ବଳିଆପଣ୍ଡା ବିଜୟନଗର ବସ୍ତିରେ ପ୍ରାୟ ୧୭ଶହ ପରିବାର ରହୁଥିବାବେଳେ ଏମାନଙ୍କୁ ଜାଗା ମିଶନରେ ସାମିଲ କରାଯାଇନାହିଁ ବୋଲି କଂଗ୍ରେସ ନେତା ଅଭିଯୋଗ କରିଥିଲେ। ତେବେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, ବିଜୟନଗର ବସ୍ତି ମଧୁର ଜଳପ୍ରପାତ ଅଞ୍ଚଳର ସୀମା ମଧ୍ୟରେ ଆସୁଛି, ଏଣୁ ସମ୍ପୃକ୍ତ ଅଞ୍ଚଳରେ ସ୍ଥାୟୀ ପଟ୍ଟା ଦେବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ସମାନ ସ୍ଥାନରେ ମହେଶ୍ୱର ନଗର ବାସିନ୍ଦାଙ୍କୁ ସରକାର ସ୍ଥାୟୀ ପଟ୍ଟା ଦେଇଛନ୍ତି। ପ୍ରକୃତରେ ଯଦି ତାହା ମଧୁର ଜଳପ୍ରପାତ ସମ୍ପୃକ୍ତ ଅଞ୍ଚଳ ତେବେ ମହେଶ୍ୱର ନଗର ବସ୍ତି ବାସିନ୍ଦାଙ୍କୁ କିଭଳି ସ୍ଥାୟୀ ପଟ୍ଟା ମିଳିଲା ବୋଲି ପ୍ରଶ୍ନ କରାଯାଇଛି। ଯୁବନେତା ଆଲୋକ ଦାସ, ବଳିଆପଣ୍ଡା ବସ୍ତି ନେତା ମନୋଜ ମଣ୍ଡଳ, ଆଶୁତୋଷ ମିଶ୍ର ଓ ଅନିଲ ବେଜଙ୍କ ସହ ମନ୍ତ୍ରୀ ଏବଂ ଜିଲାପାଳ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଆସନ୍ତା ବୁଧବାର ୫ଟାରେ ଜିଲାପାଳ ପୁଣି ଏ ନେଇ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ମନ୍ତ୍ରୀ ପ୍ରତାପ ଜେନା ଏବଂ ଜିଲାପାଳ ସମର୍ଥ ବର୍ମା ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ପୁରୀ ଅଫିସ, ୨୬।୭:**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ସୋମବାର ପୁରୀସ୍ଥିତ ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ବ୍ରହ୍ମଗିରି ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଦାସବର୍ମା ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ବିଭିନ୍ନ ଭତ୍ତା ଯୋଜନା, ଓଡ଼ିଶା ଜୀବିକା ମିଶନ, ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନିର୍ମାଣ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ଖେଳପଡ଼ିଆ, ଗ୍ରାମୀଣ ଉଦ୍ୟାନ, ଗ୍ରାମୀଣ ପାଠାଗାର, ଫନୀ କ୍ଷତିଗ୍ରସ୍ତ ବିଦ୍ୟାଳୟ ମରାମତି, ଆମ ଗାଁ ଆମ ବିକାଶ, ଗାଁ ସାଥିଙ୍କ ନିମନ୍ତେ କ୍ୱାର୍ଟର୍ସ ନିର୍ମାଣ, କଲ୍ୟାଣ ମଣ୍ଡପ ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସମ୍ପର୍କରେ ସମୀକ୍ଷା କରିଥିଲେ। ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ଦାସବର୍ମା ପରାମର୍ଶ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ନୂତନ ଗୃହର ବାକିଥିବା କାମ ତୁରନ୍ତ ଶେଷ କରିବା ପାଇଁ ଆବଶ୍ୟକ ପାଣ୍ଠି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବ୍ରହ୍ମଗିରି ବିଡିଓ ଜ୍ୟୋତି ପ୍ରକାଶ ସେଠୀ, ସହକାରୀ ଯନ୍ତ୍ରୀ ରବିନାରାୟଣ ସାହୁ ଏବଂ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଏବଂ ଅନ୍ୟମାନେ ।

# ପୁନରୁଦ୍ଧାର ହେବ କାଦୁଆ ଆଶ୍ରମ

**ସାକ୍ଷୀଗୋପାଳ,୨୬।୭(ଡି.ଏନ୍.ଏ.)**

## ଫେରିବ ପୂର୍ବ ଐତିହ୍ୟ

ସାକ୍ଷୀଗୋପାଳ ଅନ୍ତର୍ଗତ କାଦୁଆ ଛକ ନିକଟରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଦରିଦ୍ର ନାରାୟଣ ସେବାସଂଘ ବା ପୁରାତନ କାଦୁଆ ଆଶ୍ରମର ପୁନରୁଦ୍ଧାର କରାଯିବ। ଗାନ୍ଧୀ, ଗୋପବନ୍ଧୁଙ୍କ ପଞ୍ଚଶୀଳ ନୀତି ଆଦର୍ଶରେ ପରିଚାଳିତ ହେଉଥିବା ଏହି ଅନୁଷ୍ଠାନଟି ପୂର୍ବ ସ୍ମୃତି ଫେରିପାଇବା ସଙ୍ଗେସଙ୍ଗେ ଯୁବପିଢ଼ିମାନଙ୍କର ଉପାର୍ଜନରେ ସହାୟକ ହେବା ଲକ୍ଷ୍ୟ ନେଇ ପ୍ରସ୍ତାବ ରହିବ ବୋଲି ସୋମବାର କାଦୁଆ ଆଶ୍ରମ ପରିଦର୍ଶନ କରି ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପସଭାପତି ନିରଞ୍ଜନ ରଥ ପ୍ରକାଶ କରିଛନ୍ତି। ଆଶ୍ରମ ମୁଖ୍ୟ ଫାଟକ ନିକଟରେ ଏକ ଆକର୍ଷଣୀୟ ତୋରଣ ନିର୍ମାଣ, ଚତୁଃପାର୍ଶ୍ୱ ସୀମା ନିର୍ଦ୍ଧାରଣ ଓ ପ୍ରାଚୀର ନିର୍ମାଣ କରାଯିବ। ପୂର୍ବରୁ ଏଠାରେ ପ୍ରସ୍ତୁତ କରାଯାଉଥିବା ଖଦି ସୂତା, ବୁଣାକାର ତନ୍ତ, ଘଣାପେଡା ତେଲ, କମାର ଶାଳ, କଂସା ବାସନ ପିତ୍ତଳ କାର୍ଯ୍ୟ, ଢିଙ୍କିକୁଟା ଚୁଡ଼ା ଓ ଚାଉଳ, ପାମ୍ପ ବଡ଼ି ଓ ଆଚାର ଆଦି ହାତ ତିଆରି ମସଲା, ପଥର କାର୍ଯ୍ୟ, ତାରକସି କାର୍ଯ୍ୟ, ଜୋତା କାର୍ଯ୍ୟ, ଗୋଶାଳା, ପୋଖରୀର ପୁନରୁଦ୍ଧାର, ମହୁଚାଷ, ଛତୁଚାଷ, ସ୍ୱାସ୍ଥ୍ୟକେନ୍ଦ୍ର, ଅତିଥି ଭବନ, ରାଜପଥ ପାର୍ଶ୍ୱରେ ଦୋକାନ, ଚାରାରୋପଣ, ଗୋବରରୁ ରଙ୍ଗ ତିଆରି, ଦକ୍ଷତା ବିକାଶ କେନ୍ଦ୍ର, କାଗଜ ଖଲି ଓ ନଡ଼ିଆ କତାଶିଳ୍ପ ଆଦି ପ୍ରତିଷ୍ଠା ଜରିଆରେ ଗ୍ରାମୀଣ ବଜାରରେ ଉତ୍ପାଦିତ ସାମଗ୍ରୀ ବିକ୍ରି ସୁବିଧା ରହିବ ବୋଲି ରଥ ସୂଚନା ଦେଇଥିଲେ। ଯନ୍ତ୍ରୀ ହରେକୃଷ୍ଣ ରାୟ, ଭବାନୀ ପ୍ରସାଦ ମିଶ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ନିଗମାନନ୍ଦ ସ୍ୱାଇଁ, କାଦୁଆ ଆଶ୍ରମର ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ଜଗନ୍ନାଥ ବାରିକ, ମନମୋହନ ମୁଦୁଲି, ସୁବାସ ଚନ୍ଦ୍ର ଦାସ ଓ ଖବରଦାତା ଅଭିଷେକ ବେହେରା ପ୍ରମୁଖ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ସୂଚନା ଥାଉକି, ଗୋପବନ୍ଧୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାଥୀମାନଙ୍କ ଉତ୍ତମ ପରିଚାଳନାରେ ଦେଶୀ ଉପାୟରେ କାଦୁଆ ଆଶ୍ରମ ଅସହାୟଙ୍କୁ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।


ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ନିକଟରେ ନିରଞ୍ଜନ ରଥ ଏବଂ ଅନ୍ୟମାନେ ।